# NATIONAL NEWS BULLETIN (ODIA)

**4 July - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଅଗ୍ନିବୀର ମାନଙ୍କୁ ଭାରତୀୟ ସେନା ସମସ୍ତ ପ୍ରକାର ସହାୟତା ଯୋଗାଇଦେବା ଲାଗି ପ୍ରତିଶ୍ରୁତିବଦ୍ଧ- କହିଲେ ପ୍ରତିରକ୍ଷାମନ୍ତ୍ରୀ ।

- ସ୍ୱଦେଶ ଫେରିଲା ବିଶ୍ୱବିଜୟୀ ଭାରତୀୟ କ୍ରିକେଟ୍ ଟିମ୍

– ଆଜି ସନ୍ଧ୍ୟାରେ ମୁମ୍ବାଇରେ ହେବ ଭବ୍ୟ ପ୍ୟାରେଡ୍ ।

- ଆସାମରେ ବନ୍ୟା ପରିସ୍ଥିତି ଜଟିଳ, ୨୪ ଘଣ୍ଟାରେ ୮ଜଣଙ୍କ ପ୍ରାଣହାନୀ ସୂଚନା ।

ଏବଂ

- ୨୦୩୩ ସୁଦ୍ଧା ୬ ଦଶମିକ ୯ ବିଲିୟନ ଡଲାର ସଂପନ୍ନ ଶିଳ୍ପରେ ପରିଣତ ହେବ  ପୁନଃ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ଶିଳ୍ପ ।

## ରାଜନାଥ-ଆର୍ମି ଅଗ୍ନିବୀର

ଅଗ୍ନିବୀର ମାନଙ୍କୁ ଭାରତୀୟ ସେନା ସମସ୍ତ ପ୍ରକାର ସହାୟତା ଯୋଗାଇଦେବା ଲାଗି ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି । ଅଗ୍ନିବୀର ଅଜୟକୁମାରଙ୍କୁ ପ୍ରଦାନ କରାଯାଇଥିବା ସହାୟତା ସଂପର୍କରେ ଭାରତୀୟ ସେନା ପକ୍ଷରୁ ସ୍ପଷ୍ଟୀକରଣ ଦିଆଯିବା ପରେ ମନ୍ତ୍ରୀ

ଶ୍ରୀ ସିଂ ଏହା କହିଛନ୍ତି । କେତେକ ଗଣମାଧ୍ୟମରେ ଶହୀଦ ଅଜୟ କୁମାରଙ୍କୁ ସହାୟତା ରାଶି ପ୍ରଦାନ କରାଯାଇ ନଥିବା ନେଇ ସମ୍ବାଦ ପ୍ରକାଶିତ ହୋଇଥିଲା । ଏ ନେଇ ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି କର୍ତ୍ତବ୍ୟ ସମ୍ପାଦନ ସମୟରେ ବଳିଦାନ ଦେଇଥିବା ଅଜୟ କୁମାରଙ୍କୁ ସଂପୂର୍ଣ୍ଣ ସେନା ସମ୍ମାନ ସହ ଶେଷକୃତ୍ୟ କରାଯାଇଥିଲା । ଇତିମଧ୍ୟରେ ଅଜୟଙ୍କ ପରିବାରକୁ ୯୮ ଲକ୍ଷ ୩୯ ହଜାର ଟଙ୍କା ପ୍ରଦାନ କରାଯାଇଥିବା ସେ କହିଛନ୍ତି ।

ସୂଚନାଯୋଗ୍ୟ ଭାରତୀୟ ସେନାରେ କର୍ତ୍ତବ୍ୟ ସମ୍ପାଦନ କରୁଥିବା ବେଳେ ସହିଦ ହୋଇଥିବା ଅଗ୍ନିବୀର ଅଜୟ କୁମାରଙ୍କୁ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସହାୟତା ରାଶି ବାବଦରେ ସ୍ପଷ୍ଟିକରଣ ଜାରି କରାଯାଇଛି । ସେନା ପକ୍ଷରୁ ସାମାଜିକ ଗଣମାଧ୍ଯମରେ ଜାରି କରାଯାଇଥିବା ଏକ ପୋଷ୍ଟ ଅନୁଯାୟୀ ଅଗ୍ନିବୀର ଅଜୟ କୁମାରଙ୍କ ପରିବାରକୁ ମୋଟ୍ ସହାୟତା ଅର୍ଥରୁ ୯୮ଲକ୍ଷ ୩୯ ହଜାର ଟଙ୍କା ପୂର୍ବରୁ ପ୍ରଦାନ କରାଯାଇ ସାରିଛି । ସେନା ପକ୍ଷରୁ କୁହାଯାଇଛି, ଏହି ଯୋଜନାରେ ନିୟମ ଅନୁଯାୟୀ ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ବଳକା ସହାୟତା ପ୍ରଦାନ କରାଯିବ । ସହିଦ ଯବାନଙ୍କ ପରିବାରକୁ ମୋଟ୍ ୧ କୋଟି ୬୫ ଲକ୍ଷ ଟଙ୍କା ଦିଆଯିବ ।

## ମୋଦୀ– କ୍ରିକେଟ୍ ଟିମ୍

ଆଇସିସି ଟି-୨୦ ପୁରୁଷ ବିଶ୍ୱକପ୍ ବିଜୟୀ ଭାରତୀୟ କ୍ରିକେଟ ଦଳର ସଦସ୍ୟଙ୍କୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀ

ଲୋକକଲ୍ୟାଣ ମାର୍ଗସ୍ଥିତ ତାଙ୍କ ବାସଭବନରେ ସାକ୍ଷାତ କରିଛନ୍ତି । ଏହି ଅବସରରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ ଦଳକୁ ସ୍ୱାଗତ କରିବା ସହ ବାର୍ବାଡୋସ୍‌ରେ ତ୍ରିରଙ୍ଗା ପ୍ରଦର୍ଶିତ କରିଥିବା ଭାରତୀୟ ଦଳକୁ ସ୍ୱାଗତ କରିବା ପାଇଁ ଦେଶବାସୀ ଉତ୍ସୁକ ଥିବା କହିଛନ୍ତି । ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ-ବିସିସିଆଇର ଉପାଧ୍ୟକ୍ଷ ରାଜୀବ ଶୁକ୍ଲା ଜିତିବାର ଶ୍ରେୟ ସବୁ ଖେଳାଳି, ଦଳ ପରିଚାଳକ ଏବଂ ବିସିସିଆଇର ଅଧିକାରୀମାନଙ୍କୁ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ସାକ୍ଷାତ ପରେ ଭାରତୀୟ ଦଳ ବିଜୟ ପ୍ୟାରେଡ୍ ପାଇଁ ମୁମ୍ବାଇ ଅଭିମୁଖେ ଗସ୍ତ କରିଛନ୍ତି । ଏହି ବିଜୟ ପ୍ୟାରେଡ୍ ଉତ୍ସବରେ ପ୍ରଶଂସକମାନେ ଯୋଗଦେବା ପାଇଁ ଦଳର ଅଧିନାୟକ ରୋହିତ ଶର୍ମା ନିବେଦନ କରିଛନ୍ତି । ବିସିସିଆଇ ସଚିବ ଜୟ ଶାହା କହିଛନ୍ତି ଆଜି ସନ୍ଧ୍ୟାରେ ମୁମ୍ବାଇରେ ବିଜୟୀ ଭାରତୀୟ ଟିମ୍ ଏକ ରୋଡ୍ ଶୋ' କରିବ । ସନ୍ଧ୍ୟା ୫ଟାରୁ ୭ଟା ମଧ୍ୟରେ ନରିମନ୍ ପଏଣ୍ଟରୁ ଏହି ଶୋ ୱାଙ୍ଖେଡେ ଷ୍ଟାଡିୟମ ପର୍ଯ୍ୟନ୍ତ ଯିବ ।

ପରେ ୱାଙ୍ଖେଡେ ଷ୍ଟାଡିୟମରେ ବିସିସିଆଇ ପକ୍ଷରୁ ଏକ ସ୍ୱତନ୍ତ୍ର ଉତ୍ସବରେ ଖେଳାଳିମାନଙ୍କୁ ପୁରସ୍କାର ଅର୍ଥ ପ୍ରଦାନ କରାଯିବ । ସୂଚନାଯୋଗ୍ୟ ଟି-୨୦ ପୁରୁଷ ବିଶ୍ୱକପ୍ ଫାଇନାଲ୍‌ରେ ଭାରତ ଦକ୍ଷିଣ ଆଫ୍ରିକାକୁ ୭ ରନ୍‌ରେ ପରାସ୍ତ କରି ବିଶ୍ୱ ବିଜୟୀ ହୋଇଥିଲା । ବାର୍ବାଡୋସ୍‌ରେ ବେରିଲ୍ ବାତ୍ୟା ଯୋଗୁଁ ଦଳ ସେଠାରେ ଅଟକି ରହିଥିଲା । ଗତକାଲି ପାଗ ବଦଳିବା ପରେ ଏକ ସ୍ୱତନ୍ତ୍ର ବିମାନରେ ଖେଳାଳିମାନେ ଆଜି ସକାଳେ

ନୂଆଦିଲ୍ଲୀରେ ପହଞ୍ଚିଥିଲେ । ଟିମ୍‌ର ସ୍ୱାଗତ ପାଇଁ ବିମାନ ବନ୍ଦର ବାହାରେ ହଜାର ହଜାର ସଂଖ୍ୟାରେ ଦର୍ଶକ ଏକତ୍ରିତ ହୋଇଥିଲେ ।

## ପିଏମ୍-ବିବେକାନନ୍ଦ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସ୍ୱାମୀ ବିବେକାନନ୍ଦଙ୍କ ମହାପ୍ରୟାଣ ଦିବସ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ସ୍ୱାମୀ ବିବେକାନନ୍ଦଙ୍କ ଶିକ୍ଷା ଲକ୍ଷଲକ୍ଷ ଲୋକଙ୍କୁ ଶକ୍ତି ଯୋଗାଉଛି । ସେ କହିଛନ୍ତି ସ୍ୱାମୀ ବିବେକାନନ୍ଦଙ୍କର ଗଭୀର ଜ୍ଞାନ ଏବଂ ଜ୍ଞାନରୁ ନିରନ୍ତର ଅନୁସରଣ ମଧ୍ୟ ଅତ୍ୟନ୍ତ ପ୍ରେରଣାଦାୟୀ । ପ୍ରଧାନମନ୍ତ୍ରୀ ସ୍ୱାମୀ ବିବେକାନନ୍ଦଙ୍କର ସମୃଦ୍ଧ ଓ ପ୍ରଗତିଶୀଳ ସମାଜ ଗଠନର ସ୍ୱପ୍ନକୁ ପୂରଣ କରିବା ପାଇଁ ସରକାରଙ୍କର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି ।

## ଜୟଶଙ୍କର-ଚୀନ ବୈଦେଶିକ ମନ୍ତ୍ରୀ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜି କାଜାଖସ୍ତାନର ଅସ୍ତାନାଠାରେ ଚୀନ୍ ପ୍ରତିପକ୍ଷ ୱାଙ୍ଗ୍ ଇଙ୍କୁ ସାକ୍ଷାତ କରିଛନ୍ତି । ଉଭୟପକ୍ଷ ସୀମାବର୍ତ୍ତୀ ଅଞ୍ଚଳରେ ଥିବା ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଆଲୋଚନା କରିଛନ୍ତି । ଏହି ସମସ୍ୟା ଉପରେ କୂଟନୈତିକ ଏବଂ ସାମରିକ ବୁଝାମଣା ମାଧ୍ୟମରେ ଦୁଇଗୁଣ ଚେଷ୍ଟା କରିବାକୁ ଉଭୟ ପକ୍ଷ ସହମତ ହୋଇଥିଲେ । ଡକ୍ଟର ଜୟଶଙ୍କର କହିଛନ୍ତି ନିୟନ୍ତ୍ରଣରେଖା-ଏଲ୍ଏସି କୁ ସମ୍ମାନ ଦେବା ଏବଂ ସୀମାବର୍ତ୍ତୀ ଅଞ୍ଚଳରେ ଶାନ୍ତି ସୁନିଶ୍ଚିତ କରିବା ଜରୁରୀ ଅଟେ । ସେ କହିଛନ୍ତି ପରସ୍ପର ମଧ୍ୟରେ ପାରସ୍ପରିକ

ସମ୍ମାନ ଓ  ପାରସ୍ପରିକ ସମ୍ବେଦନଶୀଳତା,  ଭାରତ ଓ ଚୀନ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କକୁ ମାର୍ଗଦର୍ଶନ କରିବ ।

## ଏଲ୍‌ଏସଇ-ଫେଲୋସିପ୍

୨୦୪୭ ସୁଦ୍ଧା ଦେଶର ଅଭିବୃଦ୍ଧି ଏକ ବିକଶିତ ରାଷ୍ଟ୍ର ଆଡ଼କୁ ଗତି କରୁଥିବାରୁ ବିଶ୍ୱରେ ଭାରତ ଏକ ଅଗ୍ରଣୀ ରାଷ୍ଟ୍ରରେ ପରିଣତ ହେବ ବୋଲି ଅର୍ଥନୀତିଜ୍ଞ ତଥା ନୀତି ନିର୍ଦ୍ଧାରକ ଏନ୍.କେ. ସିଂ କହିଛନ୍ତି । ଗତକାଲି ଲଣ୍ଡନ ସ୍କୁଲ୍ ଅଫ୍ ଇକନମିକ୍ ଆଣ୍ଡ୍ ପଲିଟିକାଲ୍ ସାଇନ୍ସରେ ସମ୍ମାନଜନକ ଫେଲୋସିପ୍ ପ୍ରଦାନ କରାଯିବା ପରେ ସେ ଏହି ସଭାକୁ ସମ୍ବୋଧିତ କରିଥିଲେ । ୮୩ ବର୍ଷୀୟ ଅର୍ଥନୀତିଜ୍ଞ ନିଜର ଅଭିଭାଷଣରେ ଦେଶର ଗୌରବମୟ ଇତିହାସ ଏବଂ ସ୍ୱାଧୀନତାର ଶତବାର୍ଷିକୀ ପାଇଁ ଏକ ଉଚ୍ଚ ବିକାଶଶୀଳ ଅର୍ଥବ୍ୟବସ୍ଥା ଭାବେ ଭାରତକୁ ଉଲ୍ଲେଖ କରିଥିଲେ । ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ କହିଛି ଲଣ୍ଡନ ସ୍କୁଲ୍ ଅଫ୍ ଇକନୋମିକ୍ସର ଏଲ୍‌ଏସ୍‌ଇ ସହିତ ଶ୍ରୀ ସିଂଙ୍କର ଦୀର୍ଘଦିନର ସଂପର୍କ ତଥା ତାଙ୍କର ନିରନ୍ତର ପ୍ରୟାସ ପାଇଁ ତାଙ୍କୁ ସମ୍ମାନିତ କରାଯାଇଛି ।

## ହମାସ-ଇସ୍ରାଏଲ୍

ଇସ୍ରାଏଲ୍ ସହ ଯୁଦ୍ଧ ସମାପ୍ତ ପାଇଁ ହମାସ କତାର ଏବଂ ଇଜିପ୍ଟ ସହ ଆଲୋଚନା କରିଛି । ଉଭୟ କତାର ଏବଂ ଇଜିପ୍ଟ ଇସ୍ରାଏଲ୍ ସହ ମଧ୍ୟସ୍ଥତା ଭୂମିକା ଗ୍ରହଣ କରିବା ନେଇ ହମାସ୍ ଘୋଷଣା କରିଛି । ଏକ ବିବୃତିରେ ହମାସ କହିଛି  ଉଭୟ ମଧ୍ୟସ୍ଥ ଦେଶ ସହ ଯୁଦ୍ଧ ଶେଷ କରିବା ନେଇ ଇସ୍ରାଏଲ୍‌କୁ ବାର୍ତ୍ତା ଦେବା ଲାଗି କୁହାଯାଇଛି । ଇତିମଧ୍ୟରେ

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି, ଇସ୍ରାଏଲ୍‌କୁ ମଧ୍ୟସ୍ଥିଙ୍କ ମାଧ୍ୟମରେ ହମାସର ପ୍ରତିକ୍ରିୟା ମିଳିଛି । ସେ  ହମାସର ପ୍ରତିକ୍ରିୟା ଉପରେ ସମୀକ୍ଷା କରିବା ପରେ ଉଚିତ ଜବାବ ରଖିବେ ।

## ରାଜନାଥ-ଅଷ୍ଟ୍ରେଲିଆ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆଜି ଅଷ୍ଟ୍ରେଲିଆର ଉପପ୍ରଧାନମନ୍ତ୍ରୀ ତଥା ରକ୍ଷାମନ୍ତ୍ରୀ ରିଚାର୍ଡ ମାର୍ଲସ୍‌ଙ୍କ ସହ ଟେଲିଫୋନ୍ ଯୋଗେ କଥାବାର୍ତ୍ତା କରିଛନ୍ତି । ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ ଶ୍ରୀ ସିଂ କହିଛନ୍ତି ଦୁଇ ନେତା ପ୍ରତିରକ୍ଷା ସହଯୋଗର ବିଭିନ୍ନ ପ୍ରସଙ୍ଗ ଉପରେ ସମୀକ୍ଷା କରିଛନ୍ତି ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଭାଗିଦାରୀ ଉପରେ ମଧ୍ୟ କଥାବାର୍ତ୍ତା ହୋଇଛି । ଭାରତ’ ଅଷ୍ଟ୍ରେଲିଆକୁ ବ୍ୟାପକ ରଣନୈତିକ ଭାଗିଦାରୀ ମହତ୍ତ୍ୱ ଦେଇଆସିଛି ।

## ଆସାମ-ଫ୍ଲଡ୍

ଆସାମରେ ବନ୍ୟା ପରିସ୍ଥିତି ଗମ୍ଭୀର ରହିଛି । ରାଜ୍ୟର ୨୯ଟି ଜିଲ୍ଲାର ୧୬ଲକ୍ଷରୁ ଅଧିକ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି । ଗତ ୨୪ ଘଣ୍ଟା ମଧରେ ବନ୍ୟାରେ ୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଲୋକ ନିଖୋଜ ଥିବା ଜଣାପଡ଼ିଛି । ରାଜ୍ୟରେ ବନ୍ୟା ଜନିତ ମୃତ୍ୟୁ ସଂଖ୍ୟା ୪୬କୁ ବୃଦ୍ଧି ପାଇଛି । ସୂଚନା ମୁତାବକ ୧୦୫ଟି ରାଜସ୍ୱ ଅଞ୍ଚଳରେ ୨ହଜାର ୮୦୦ ଗାଁ ବନ୍ୟାରେ ପ୍ରାଭାବିତ ହୋଇଛି । ପ୍ରାୟ ୩୯ ହଜାର ୪୦୦ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି ।

ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଜିଲ୍ଲାପାଳମାନଙ୍କ ସହ ବନ୍ୟା ପରିସ୍ଥିତି ସମୀକ୍ଷା କରିଛନ୍ତି । ସେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଏହାଛଡ଼ା ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡ଼ିକର ସର୍ବେକ୍ଷଣ କରି ଶୀଘ୍ର ରିପୋର୍ଟ ଦେବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି । ଯାହାଫଳରେ ଅଗଷ୍ଟ ୧୫ ତାରିଖ ପୂର୍ବରୁ ପ୍ରଭାବିତ ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇପାରିବ । ମୁଖ୍ୟମନ୍ତ୍ରୀ ମଧ୍ୟ କାମରୂପ ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡ଼ିକ ପରିଦର୍ଶନ କରି ପରିସ୍ଥିତିର ସମୀକ୍ଷା କରିଛନ୍ତି । ଏହି ବନ୍ୟାରେ କାଜିରଙ୍ଗା ରାଷ୍ଟ୍ରୀୟ ଉଦ୍ୟାନର ୧୭୮ ବନାଞ୍ଚଳ ଜଳମଗ୍ନ ହୋଇଛି । ସେଠାରେ ବସବାସ କରୁଥିବା ପଶୁ ନିକଟସ୍ଥ ପାହାଡ଼ିଆ ଅଞ୍ଚଳରେ ଆଶ୍ରୟ ନେଇଛନ୍ତି । ସେମାନଙ୍କ ସୁରକ୍ଷା ଲାଗି ବନ୍ୟ ବିଭାଗ ପକ୍ଷରୁ ଯିବାଆସିବା ରାସ୍ତାରେ ପରିବର୍ତ୍ତନ କରାଯାଇଛି । କାଜିରଙ୍ଗା ରାଷ୍ଟ୍ରୀୟ ଉଦ୍ୟୋଗ ମାର୍ଗରେ ବାଣିଜ୍ୟିକ ବାହନ ଗୁଡ଼ିକର ଯିବା ଆସିବା ଉପରେ କଟକଣା ଜାରି କରାଯାଇଛି ।

ଏବେ ମଧ୍ୟ ବ୍ରହ୍ମପୁତ୍ର, ବାରାକ୍ ଏବଂ ଏହାର ଶାଖା ନଦୀଗୁଡ଼ିକରେ ବନ୍ୟା ଜଳ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି । ଗତ ୨୪ ଘଣ୍ଟା ମଧ୍ୟରେ ବନ୍ୟାରେ ୧୦୦ଟି ରାସ୍ତା, ୧୧ଟି ନଦୀ ବନ୍ଧ ଏବଂ ୧୪ଟି ପୋଲ କ୍ଷତିଗ୍ରସ୍ତ ହୋଇଛି । ରାଜ୍ୟ ସରକାର ୧୮୧ଟି ରିଲିଫ୍ କେନ୍ଦ୍ର ଏବଂ ୩୩୪ଟି ରିଲିଫ୍ ବଣ୍ଟନ କେନ୍ଦ୍ର ସ୍ଥାପନ କରିଛନ୍ତି । ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ଏନ୍.ଡି.ଆର୍.ଏଫ୍. ଏବଂ ଏସ୍.ଡି.ଆର୍.ଏଫ୍.କୁ ମୁତୟନ କରିଛନ୍ତି ।

# ପ୍ଲାଷ୍ଟିକ୍ କନ୍‌କ୍ଲେଭ

୨୦୩୩ ସୁଦ୍ଧା ପୁନଃବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ଶିଳ୍ପ ୬ ଦଶମିକ ୯ ବିଲିୟନ ଡଲାର ସଂପନ୍ନ ଶିଳ୍ପରେ ପରିଣତ ହେବ ବୋଲି ରସାୟନ ବିଭାଗ ସଚିବ ନିବେଦିତା ଶୁକ୍ଳା ବର୍ମା କହିଛନ୍ତି । ଆଜି ନୂଆଦିଲ୍ଲୀରେ ୪ ଦିନିଆ ପୁନଃ ବ୍ୟବହାରକ୍ଷମ ପ୍ଲାଷ୍ଟିକ୍ ସଂପର୍କିତ ବିଶ୍ୱ ସମ୍ମେଳନକୁ ଉଦ୍‌ଘାଟନ କରି ସେ କହିଛନ୍ତି ଏହି ସମ୍ମିଳନୀ ପ୍ଲାଷ୍ଟିକ୍ ଶିଳ୍ପର ନୀତି ନିର୍ଦ୍ଧାରକ, ଶିଳ୍ପ ବିଶେଷଜ୍ଞ ଏବଂ ପରିବେଶବିତ୍‌ମାନଙ୍କୁ ଏକତ୍ର କରିଛି । ସମ୍ମିଳନୀରେ ପ୍ଲାଷ୍ଟିକ୍‌କୁ ପୁନଃ ବ୍ୟବହାରଯୋଗ୍ୟ କରିବା ନିମନ୍ତେ ଆବଶ୍ୟକ ଯନ୍ତ୍ରପାତି ପ୍ରଦର୍ଶିତ ହେଉଛି ।